ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୨ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ପୋଲିସ ଶହୀଦ ଦିବସ

ଗୁଣପୁର/କୋଷାଗୁମୁଡ଼ା, ୨୧।୧୦ (ପ୍ରଦୀପ କୁମାର ପାଢ଼ୀ/ପ୍ରସାଦ ବିଷୋୟୀ)

ରାୟଗଡା ଜିଲା ରାମନାଗୁଡା ବ୍ଲକ ଭାମିନିରେ ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ପକ୍ଷରୁ ଶନିବାର ୬୪ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶହୀଦ ହୋଇଥିବା ୧୮୮ ଜଣ ଯବାନଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଗୁଣପୁର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଡ ସତ୍ୟ ସମ୍ପୂର୍ଣ୍ଣା ରାଉତ, ଗାନ୍ଧୀ ବିଶ୍ୱ ବିଦ୍ୟାଳୟ କୁଳପତି ଡ ଏ.ଭି.ଏନ୍.ଏଲ୍ ଶର୍ମା, ପରୀକ୍ଷା ନିୟନ୍ତ୍ରକ ପି. ବିଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଭାମିନିର ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀର ଦୁର୍ଗପତି ବ୍ରଜମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରେଡ ଅଭିବାଦନ ଗ୍ରହଣ କରିଛନ୍ତି। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଦେଇଥିବା ସନ୍ଦେଶ ପାଠ କରିଥିଲେ। ନୀରବ ପ୍ରାର୍ଥନା କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶହୀଦ ହୋଇଥିବା ଯବାନ ମାନଙ୍କ ସ୍ମୃତି ଚାରଣ କରାଯାଇଥିଲା। ଡେପୁଟି କମାଣ୍ଡାଣ୍ଟ ଦୀପକ ଦେହୁରୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନୀଳାମ୍ବର ପରିଡ଼ାଙ୍କ ସମେତ ସମସ୍ତ ଯବାନ ଉପସ୍ଥିତ ଥିଲେ। ୬୪ତମ ପୋଲିସ ସହିଦ ଦିବସ ସେହିଭଳି ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଓ କୋଷାଗୁମୁଡା ଥାନାରେ ୬୪ତମ ପୋଲିସ ସହିତ ଦିବସ ପାଳିତ ହୋଇଛି। କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଷାଗୁମୁଡା ବ୍ଲକ ଭୂମିପୁତ୍ର ଶହୀଦ ପ୍ରଶାନ୍ତ ପାତ୍ରଙ୍କ ସ୍ମୃତିଚାରଣ କରାଯାଇଛି। ପ୍ରକାଶ ଯେ, ୨୦୧୧ ସେପ୍ଟେମ୍ବର ୨୪ରେ ତତ୍କାଳୀନ ବିଧାୟକ ଜଗବନ୍ଧୁ ମାଝି ରାଇଘରର ଗନା ହାଟପଦାରେ ପଟ୍ଟା ବିତରଣ ସଭାରେ ଆତତାୟୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ଉକ୍ତ ସମୟରେ ସୁରକ୍ଷାରେ ଥିବା ପୋଲିସ କନଷ୍ଟେବଳ (ପିଏସ୍‌ଓ) ପ୍ରଶାନ୍ତ ପାତ୍ର ମଧ୍ୟ ଆତତାୟୀଙ୍କ ଗୁଳିରେ ଶହୀଦ ହୋଇଥିଲେ।

### ସପ୍ତମୀ ପୂଜାରେ ଜିଲା ସଦର ମହକୁମା ଚଳଚଞ୍ଚଳ

ମାଲକାନଗିରି, ୨୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ମା ଦୁର୍ଗାଙ୍କ ଦଶହରା ଉତ୍ସବ ସାରା ଦେଶରେ ଆରମ୍ଭ ହୋଇଥିବା ବେଳେ ଶନିବାର ମା ଦୁର୍ଗାଙ୍କ ମହା ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମାଲକାନଗିରି ଜିଲା ସଦର ମହକୁମାର ବିଭିନ୍ନ ସ୍ଥାନରେ ମା'ଙ୍କ ପ୍ରତିମା ପ୍ରତିଷ୍ଠା କରିବା ସହ ରଙ୍ଗବେରଙ୍ଗ ଆଲୋକ ସଜ୍ଜାରେ ସହର ଚଳଚଞ୍ଚଳ ହୋଇଉଠିଛି। ମାଲକାନଗିରି ସଦର ମହକୁମା ସୁଭାଷ ବୋଷ ଛକ, ରିଜର୍ଭ ପୋଲିସ, ସାର୍ବଜନୀନ ଦୁର୍ଗାପୂଜା କମିଟି, ଡିଏନ୍‌କେ ଛକ, ଡିଏନ୍‌କେ ବ୍ୟବସାୟୀ ସଂଘ, ନୂଆଗୁଡ଼ା ଆଦି ଏଭଳି ୬ସ୍ଥାନରେ ମା'ଙ୍କ ପ୍ରତିମା ପୂଜା ଆରମ୍ଭ ହୋଇଛି। ମା'ଙ୍କ ଦର୍ଶନ ପାଇଁ ସନ୍ଧ୍ୟାରେ ଶହ ଶହ ଶ୍ରଦ୍ଧାଳୁ ବିଭିନ୍ନ ମଣ୍ଡପ ବୁଲି ଦର୍ଶନ କରିବା ସହ ମିନାବଜାରର ମଜା ନେଉଥିବା ଦେଖିବାକୁ ମିଳିଛି। ସୁରକ୍ଷା ଦୃଷ୍ଟିରୁ ପ୍ରତି ମଣ୍ଡପରେ ପୋଲିସ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ବିଭିନ୍ନ ଶିଶୁଗୃହ ଅନ୍ତେବାସୀଙ୍କ ଜିଲା ଅଦାଲତ ପରିଦର୍ଶନ

ମାଲକାନଗିରି, ୨୧।୧୦ (ଦୁର୍ଯ୍ୟୋଧନ ପାତ୍ର)



ବିଭିନ୍ନ ଶିଶୁଗୃହରୁ ନ୍ୟାୟାଳୟ ପରିଦର୍ଶନରେ ଆସିଥିବା ପିଲାଙ୍କ ସହ ବିଚାରପତିମାନେ ।

ମାଲକାନଗିରି ଜିଲାରେ ବିଭିନ୍ନ ଶିଶୁଗୃହରେ ଥିବା ପିତୃମାତୃହୀନ ଶିଶୁମାନେ ଜିଲା ଅଦାଲତକୁ ପରିଭ୍ରମଣ ଲାଗି ଆସିଥିଲେ । ଏହି ଶିଶୁମାନଙ୍କ ସହ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଶିଶୁଗୃହ ଅଧୀକ୍ଷକ ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଜିଲା ଜଜ୍ ଅଜନ୍ତା ଷଡ଼ଙ୍ଗୀ ସମସ୍ତ ଶିଶୁଙ୍କୁ କୋର୍ଟ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା କୋର୍ଟ ରେଜିଷ୍ଟ୍ରାର ବିଚାରପତି ତଥା କିଶୋର ନ୍ୟାୟ କୋର୍ଟ ବିଚାରପତି ଅରୁଣ ନାୟକ, ଉପଖଣ୍ଡୀୟ ଦଣ୍ଡାଧିକାରୀ ରୁଦ୍ରପ୍ରସାଦ ନାୟକ, ମହିଳା ଅଦାଲତ ବିଚାରପତି ବବିତା ଦାସ, ଗ୍ରାମ୍ୟ ନ୍ୟାୟାଳୟ ଦଣ୍ଡାଧିକାରୀ ଦେବେନ୍ଦ୍ର କୁମାର ବାଘ, ଆଇନ ସେବା ପ୍ରାଧିକରଣ ପ୍ରମୁଖ ପ୍ରତିରକ୍ଷା ଓକିଲ ତଥା ପୂର୍ବତନ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ ଶିଶୁ ମାନଙ୍କୁ ଗ୍ରାମ ନ୍ୟାୟାଳୟ ଉପଖଣ୍ଡୀୟ ଅଦାଲତ, ମହିଳା ଅଦାଲତ, କିଶୋର ନ୍ୟାୟ କୋର୍ଟ ମୁଖ୍ୟ ବିଚାର ବିଭାଗ ଦଣ୍ଡାଧିକାରୀଙ୍କ ଅଦାଲତ, ଶିଶୁ ଅଦାଲତ ତଥା ଅତିରିକ୍ତ ଜିଲା ଜଜ୍ କୋର୍ଟ, ପୋକ୍‌ସୋ କୋର୍ଟ, ଭିଜିଲାନ୍ସ କୋର୍ଟ, ନିରନ୍ତର ଲୋକ ଅଦାଲତ, ଉଚ୍ଚ ନ୍ୟାୟାଳୟଙ୍କ ଭର୍ଚୁଆଲ କୋର୍ଟ, ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ବାର୍, ମାଲଖାନା କୋର୍ଟ ଓ ଏସ୍‌ଆଇଙ୍କ କାର୍ଯ୍ୟାଳୟ ପରିଭ୍ରମଣ କରାଇ ଅଦାଲତର କାର୍ଯ୍ୟକଳାପ ଉପରେ ଶିଶୁମାନଙ୍କୁ ବୁଝାଇଥିଲେ । ବରିଷ୍ଠ ଆଇନଜୀବୀ ତଥା ଓକିଲ ସଂଘ କର୍ମକର୍ତ୍ତା ଶିଶୁମାନଙ୍କ ସହ ଆଇନ ବିଷୟରେ ଏବଂ ଆଇନ ଶିକ୍ଷା ଉପରେ ଆଲୋଚନା କରିଥିଲେ।

ବରିଷ୍ଠ ଓକିଲ ଅନବର ସାହା, ଦିଲୀପ ପରିଚ୍ଛା, ଗୌତମ ସରକାର, ରାମ ପଟ୍ଟନାୟକ, ବିଭୁ ସରକାର ଓ ରୁଦ୍ର ଦେବନାଥ ପ୍ରମୁଖ ଶିଶୁଙ୍କ ସହ ଆଲୋଚନା ବେଳେ ଭାଗ ନେଇଥିଲେ। ସମସ୍ତ ଶିଶୁଙ୍କୁ ଜିଲା ଜଜ୍ ଅଜନ୍ତା ଷଡ଼ଙ୍ଗୀ ତାଙ୍କ ଚାମ୍ବରକୁ ଡକାଇ ଅନ୍ୟ ସମସ୍ତ ବିଚାରପତିଙ୍କ ସହ ଆଲୋଚନା ପୂର୍ବକ ସେମାନଙ୍କ ଶିକ୍ଷା ଓ ଭବିଷ୍ୟତ ଲକ୍ଷ୍ୟ ଉପରେ ପରାମର୍ଶ ଦେଇଥିଲେ। ଆଲୋଚନାରେ ଭାଗନେଇ ମୁଖ୍ୟ ବିଚାର ବିଭାଗ ଦଣ୍ଡାଧିକାରୀ ତଥା ଆଇନ ସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ସତ୍ୟପ୍ରିୟ ଦାସ, ଶିଶୁ ନ୍ୟାୟାଳୟ ପୋକ୍‌ସୋ ଅଦାଲତ ତଥା ଅତିରିକ୍ତ ଜିଲା ଜଜ୍ ଉଦୟଭନୁ ଜେନା ଶିଶଙ୍କୁ ଉପଦେଶ ଦେଇଥିଲେ। ପରିଭ୍ରମଣ ସମୟରେ ଜିଲା ନ୍ୟାୟାଧୀଶଙ୍କ ସହ ସମସ୍ତ ବିଚାରପତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶିଶୁମାନଙ୍କ ସହ ଅଦାଲତ ପରିସରରେ ଏକ ସମବେତ ଫଟୋ ଉଠାଇ ଶିଶୁମାନଙ୍କୁ ଉତ୍ସାହ କରିଥିଲେ। ପରିଭ୍ରମଣରେ ମାଲକାନଗିରି ପରିବର୍ତ୍ତନ ଶିଶୁଗୃହ, କୋରୁକୋଣ୍ଡା ନୀଳାଚଳ ଆଦିବାସୀ ସେବାଶ୍ରମ ପିଲାମାନେ ଭାଗ ନେଇଥିଲେ ।

# ପୋଖରୀରେ ବୁଡ଼ି ଜଣେ ମୃତ

ଡାବୁଗାଁ, ୨୧।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାରଗାଁ ଗ୍ରାମ ନିକଟରେ ଥିବା ଏକ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡାବୁଗାଁ ବ୍ଲକ ସଦର ଜୟନ୍ତୀନଗର ସାହିର ସନ୍ତୋଷ କୁମାର ଦାଶ (୪୭)। ସୂଚନାନୁଯାୟୀ, ଶୁକ୍ରବାର ଅପରାହ୍ନରେ ଚାରଗାଁ ଗ୍ରାମକୁ ସନ୍ତୋଷ ମିଟର ରିଡିଂ ନେବାକୁ ଯାଇଥିଲେ। ସନ୍ଧ୍ୟା ସମୟରେ ଫେରିବାବେଳେ ଗ୍ରାମ ଶେଷମୁଣ୍ଡରେ ଥିବା ନୂତନ ପୋଖରୀ ପାଖରେ ବାଇକ ରଖି ଶୌଚ ପାଇଁ ପୋଖରୀ ଭିତରକୁ ଯାଇଥିଲେ। ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ସେ ପୋଖରୀ ଭିତରେ ପଡ଼ିଯାଇଥିଲେ। ଚାରଗାଁର କେତେଜଣ ଲୋକ ପୋଖରୀ ନିକଟରେ କପଡ଼ା ପଡ଼ିଥିବା ଦେଖି ସନ୍ଦେହ ହେବାରୁ ଡାବୁଗାଁ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ସେବା କର୍ମଚାରୀ ପୋଖରୀ ମଧ୍ୟରୁ ସନ୍ତୋଷଙ୍କ ମୃତଦେହ ବାହାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ସାନଭାଇ ସଞ୍ଜୟ କୁମାର ଦାଶ ଶନିବାର ସକାଳେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନା ଏଏସ୍‌ଆଇ ଚନ୍ଦ୍ରଶେଖର ହଜାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ. ୩୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କାଗଜକଳ ସମନ୍ୱୟ ସମିତି ବୈଠକ ବିଫଳ

ଜୟପୁର, ୨୧।୧୦ (ପବନ ପାଣିଗ୍ରାହୀ)

**୨ମାସର ଅଗ୍ରିମ ଦରମା, ତ୍ରିପାକ୍ଷିକ ଚୁକ୍ତି କାର୍ଯ୍ୟକାରୀ ଦାବି କଲେ କର୍ମଚାରୀ**

ଜୟପୁରସ୍ଥିତ ସେବା କାଗଜକଳରେ କଞ୍ଚାମାଲ ଅଭାବରୁ ଜୁଲାଇ ମାସରୁ ଉତ୍ପାଦନ ବନ୍ଦ ରହିଛି। ଏବେ କଞ୍ଚାମାଲ ପହଞ୍ଚିଥିଲେ ମଧ୍ୟ ଉତ୍ପାଦନ ସ୍ୱାଭାବିକ ହୋଇପାରୁନି। କାଗଜକଳ ସ୍ୱାଭାବିକ ପାଇଁ ୩ ଓ୪ ଶ୍ରମିକ ସଂଘ ପ୍ରସ୍ତୁତ ଥିବା ବେଳେ ୧ ଓ୨ ନମ୍ବର ସଂଘ ଦୁଇ ଦଫା ଦାବି ୨ ମାସର ଅଗ୍ରିମ ଦରମା ଏକାଥରକେ ଦେବା ଓ ତ୍ରିପାକ୍ଷିକ ଚୁକ୍ତିକୁ ଲାଗୁ କରିବାକୁ ଦାବି କରି କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିଛନ୍ତି। ୧ ଓ ୨ ନମ୍ବର ଦୁଇ ସଂଘ ଶୁକ୍ରବାର ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ଗତ ୪ ତାରିଖରେ ପ୍ରଦତ୍ତ ଦାବିପତ୍ର ସମ୍ପର୍କରେ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଜାଣିବାକୁ ଯୁଗ୍ମ ଶ୍ରମ ଆୟୁକ୍ତ ନରେନ୍ଦ୍ର ରାଇକାଠାରୁ ଜାଣିବାକୁ ଚାହିଁଥିଲେ। ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ କାଗଜକଳର ଉପଦେଷ୍ଟା ଏମ୍. କେ. ଗୁପ୍ତା, ୟୁନିଟ୍ ମୁଖ୍ୟ ଏସ୍. ଏସ୍. ପାଲଙ୍କ ସହ ୪ଟି ଶ୍ରମିକ ସଂଘର ମିଳିତ ଆଲୋଚନା ପାଇଁ ଶନିବାର ସମନ୍ୱୟ ବେଠକ ଡାକି ଥିବା କହିଥିଲେ। ସେହି ଅନୁସାରେ ଶନିବାର ସକାଳ ସାଢେ ୧୦ଟାରୁ ସଂଧ୍ୟା ୮ଟା ପର୍ଯ୍ୟନ୍ତ ବୈଠକ ବସିଥିଲା। ୯ଘଣ୍ଟା ଆଲୋଚନା ପରେ ମଧ୍ୟ ବୈଠକରୁ କିଛି ସଫଳତା ମିଳି ନ ଥିଲା। ଫଳରେ ଏହି ବୈଠକ ବିଫଳ ହୋଇଛି। ୨ମାସର ଅଗ୍ରିମ ଦରମା ଓ ତ୍ରିପାକ୍ଷିକ ଚୁକ୍ତି ଲାଗୁ ନେଇ ୨ଟି ସଂଘ ପକ୍ଷରୁ ଦାବି କରାଯାଇଥିଲା। ସେମାନଙ୍କ ଏହି ୨ ଦାବି କାର୍ଯ୍ୟକାରୀ ନ କରିବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ସଂଘ ନେତା ସରୋଜ ସୁଆର କହିଛନ୍ତି।

# ସିଆର୍‌ପିଏଫ୍-ମର୍ନିଂ କ୍ରିକେଟ କ୍ଲବ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍



ଅତିଥିଙ୍କ ଗହଣରେ ମ୍ୟାଚ ବିଜୟୀ ଦଳ ।

ମାଲକାନଗିରି, ୨୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ସିଆର୍‌ପିଏଫ୍ ୨ ବାଟାଲିୟନ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସିଆର୍‌ପିଏଫ୍ ସୁକ୍‌ମା ଦଳ ଓ ମର୍ନିଂ କ୍ରିକେଟ କ୍ଲବ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ସୁକ୍‌ମା ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ମ୍ୟାଚ ୧୫ ଓଭର ହୋଇଥିବା ବେଳେ ସିଆର୍‌ପିଏଫ୍ ସୁକ୍‌ମା ଦଳ ୧୭୮ ରନ କରିଥିଲେ। ଜବାବରେ ମର୍ନିଂ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୧୧୨ ରନ୍ ସ୍କୋର କରିଥିଲେ। ୨ତମ ବାହିନୀ ସିଆର୍‌ପିଏଫ୍ ଦଳ ୬୬ ରନରେ ବିଜେତା ଘୋଷିତ ହୋଇଥିଲା। ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ କମାଣ୍ଡାଣ୍ଟ କହିଛନ୍ତି, କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି, ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ରୀଡ଼ା ବିଷୟରେ ସଚେତନତା ସୃଷ୍ଟି କରିବା। ସ୍ଥାନୀୟ ଲୋକ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ପାରସ୍ପରିକ ସମନ୍ୱୟ ଏବଂ ଭାବନାକୁ ପ୍ରୋତ୍ସାହିତ କରିବା । କ୍ରୀଡ଼ା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ଆମ ଶରୀର ଏବଂ ମନକୁ ସୁସ୍ଥ ରଖେ। ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ କମାଣ୍ଡାଣ୍ଟ ଉଭୟ ଦଳ ଏବଂ ସ୍ଥାନୀୟ ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ପୋଲିସ ଶହୀଦ ସ୍ମୃତି ଦିବସ

ମାଲକାନଗିରି, ୨୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ପୋଲିସ ମୁଖ୍ୟାଳୟରେ ଶନିବାର ୬୪ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ନୀତେଶ ବାଧ୍ୱାନୀ ଦିବସ ସମ୍ବନ୍ଧରେ ଯବାନ, ପଦାଧିକାରୀ, ବୁଦ୍ଧିଜୀବୀ ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ଉଦ୍‌ବୋଧନ ଦେବା ସହ ଦେଶ ସୁରକ୍ଷା ପାଇଁ ପୋଲିସ ପଦାଧିକାରୀ କର୍ମଚାରୀଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ। ଜୀବନକୁ ଦେଶ ପାଇଁ ବଳିଦେଇ ସୁରକ୍ଷା ନିମନ୍ତେ ମାଓବାଦୀ, ଉଗ୍ରବାଦୀ ଓ ଆତଙ୍କବାଦୀଙ୍କ ସହ ଲଢେଇ କରି ଦେଶ ସମ୍ବିଧାନ ଓ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ପୋଲିସ ପଦାଧିକାରୀ, ଅବସରପ୍ରାପ୍ତ ପୋଲିସ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ପରିବେଶପ୍ରେମୀଙ୍କ ପରଲୋକ

କୋରାପୁଟ, ୨୧।୧୦ (ଅମିତାଭ ବେହେରା)

କୋରାପୁଟର ଟ୍ରିମ୍ୟାନ (ଗଛ ମଣିଷ) ରୂପେ ପରିଚିତ ରବୀନ୍ଦ୍ର ରଣାଙ୍କ ବାପା ପରିବେଶ ପ୍ରେମୀ ଚକ୍ରପାଣି ରଣାଙ୍କ ଶନିବାର ତାଙ୍କ ପୁଜାରିପୁଟସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ (୯୩) ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ କୋରାପୁଟ ସହରର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଚକ୍ରପାଣି କିଛିଦିନ ହେଲା ବୟସ୍କାଧିକ ହେତୁ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକର ଜୁକର ଗ୍ରାମରେ ଜନ୍ମିତ ଚକ୍ରପାଣି ଜଣେ ପରିବେଶପ୍ରେମୀ ରୂପେ ପରିଚିତ ଥିଲେ।

# ନନ୍ଦପୁରରେ ସପ୍ତମୀ ପୂଜା: ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ମା'

ନନ୍ଦପୁର, ୨୧।୧୦ (ଶଙ୍କର ପୂଜାରୀ)

ଐତିହାସିକ ନନ୍ଦପୁରର ଭୈରବ ପୀଠ ସମେତ ବତ୍ରିସ ସିଂହାସନ ପୀଠ ଓ ଜଗତ ଜନନୀ ପୂଜା କମିଟି ପୂଜା ମଣ୍ଡପରେ ସପ୍ତମୀ ପୂଜାବିଧି ଶନିବାର ଶେଷ ହୋଇଛି। ବତ୍ରିସ ସିଂହାସନ ପୀଠରେ ଶନିବାର ସକାଳୁ ଗଙ୍ଗଶିଉନି ନଦୀଘାଟରୁ କଳସ ଯାତ୍ରା ଆରମ୍ଭ ହୋଇଥିଲା। ମହିଳାମାନେ ୩୨ କଳସ ଜଳ ସଂଗ୍ରହ କରି ପୀଠରେ ସ୍ଥାପନ ପରେ ସପ୍ତମୀ ବିଧି ଆରମ୍ଭ ହୋଇଥିଲା। କଳସ ଯାତ୍ରାରେ ପୂଜକ ଲକ୍ଷ୍ମଣ ତ୍ରିପାଠୀ, କର୍ତ୍ତା ଟି. ଗଣେଶ ଚୌଧୁରୀ, ତାଙ୍କ ସ୍ତ୍ରୀ ଟି.ପୁଷ୍ପାବତୀ କମିଟି ସଦସ୍ୟଙ୍କ ସମେତ ନନ୍ଦପୁର ଅଞ୍ଚଳର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ସପ୍ତମୀ ପୂଜା ବିଧି ପରେ ମା' ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ପୂଜା ମଣ୍ଡପରେ ମା'ଙ୍କ ଦର୍ଶନଲାଗି ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ ହୋଇଥିଲା। ନନ୍ଦପୁର ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

## ରାତିକରେ ଦୁଇଟି ଘରୁ ଚୋରି

ବ୍ରହ୍ମପୁର, ୨୧।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଟି ନିକଟସ୍ଥ ଶ୍ରୀରଙ୍ଗରାଜ ଗାଁରେ ଲୁଟେରାଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ପୃଥକ ଭାବେ ଦୁଇଟି ଘରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ୧୯ ତାରିଖ ବିଳମ୍ବିତ ରାତ୍ରରେ ଉକ୍ତ ଗ୍ରାମର ଏସ. ବେଣୁଧର ଦାସ ଓ ପି. ସମୀର ଦାସଙ୍କ ଘର ପଛପଟ କବାଟ ଭାଙ୍ଗି ଚୋରି କରିଥିଲେ। ପୋଲିସ ଗାଁରେ ଲାଗିଥିବା କେତେକ ସିସିଟିଭି ଫୁଟେଜ ସଂଗ୍ରହ କରି ଯାଞ୍ଚ କରୁଛି।

## ମୁଖ୍ୟ ବଜାରରେ ହାଇମାଷ୍ଟ ଲାଇଟ୍ ଲାଗିଲା

କୁଡୁମୁଲୁଗୁମ୍ମା, ୨୧।୧୦ (ସୁଜିତ୍ ପଟ୍ଟନାୟକ)

କୁଡୁମୁଲୁଗୁମ୍ମା ମୁଖ୍ୟ ବଜାର ଗାନ୍ଧୀ ଛକଠାରେ ଶନିବାର ହାଇମାଷ୍ଟ ଲାଇଟ୍ ଲାଗିଛି। ଜିଲା ପରିଷଦ ଅନୁଦାନରେ ଏଠାରେ ଏକ ଚାରି ଟିକିଆ ହାଇମାଷ୍ଟ ଲାଇଟ୍ ଲାଗିଛି। ଏହି ଅବସରରେ ଖଇରପୁଟ ଜିଲା ପରିଷଦ ସଭ୍ୟ ବଳି ମାଝୀ, ସରପଞ୍ଚ ମଙ୍ଗଳା ମାଢ଼ୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ସମାଜିକ କର୍ମୀ ପ୍ରଭାକର ହନ୍ତାଳ, ଅଜୟ ପଟ୍ଟନାୟକ, ଶିକ୍ଷକ ରମେଶ ଚନ୍ଦ୍ର ନେଲୁର, ଉଦ୍ଧବ ରାଓ ଖରା, ଭଗବାନ ସାହୁ, ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟ ମାଝୀ ହାଇମାଷ୍ଟ ଲାଇଟ୍‌ର ସୁଇଚ୍ ଅନ୍ କରି ଏହାକୁ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ଏହି ମୁଖ୍ୟ ଛକରେ ହାଇମାଷ୍ଟ ଲାଇଟ୍ ଲଗାଇବା ପାଇଁ ଅଞ୍ଚଳବାସୀ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ।

# ମ୍ୟୁନିସିପାଲିଟି ପରିସରରେ ଥିବା ଲୁ'ରେ ତାଲା

- ଫେଲ୍ ମାରୁଛି ପରିମଳ ବ୍ୟବସ୍ଥା
- ସହରରେ ୮ ଲୁ ଥିବାବେଳେ ୨ ବର୍ଷ ହେବ ଗୋଟିଏ ବି ଖୋଲୁନି

ନବରଙ୍ଗପୁର, ୨୧।୧୦ (ସଦାଶିବ ପ୍ରହରାଜ)



ବନ୍ଦ ହୋଇ ପଡ଼ିଥିବା ଲୁ।

ପୌରସଂସ୍ଥା ପକ୍ଷରୁ ସହରରେ ୮ଟି ଲୁ ନିର୍ମାଣ କରାଯାଇଛି। ତେବେ କୌଣସି ଗୋଟିଏ ଲୁ ୨ ବର୍ଷ ହେବ ଖୋଲାଯାଇ ପାରିଲା ନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ସହରରେ ରାସ୍ତାକଡ଼ ଓ ବିଭିନ୍ନ କାର୍ଯ୍ୟାଳୟରେ ୮ ଟି ଲୁ ନିର୍ମାଣ କାର୍ଯ୍ୟ କରାଯାଇଛି। ପୌରସଂସ୍ଥା ପକ୍ଷରୁ ସମସ୍ତ ଲୁ ରେ ତାଲା ଝୁଲୁଛି। ମୁକ୍ତା ଯୋଜନା ନବରଙ୍ଗପୁର ପୌରସଂସ୍ଥା ପକ୍ଷରୁ ଫେଲ୍ ମାରିଛି। ଏହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପଥିକ ଓ ଜନଗହଳିପୂର୍ଣ୍ଣ ଏବଂ ବିଭିନ୍ନ କାର୍ଯ୍ୟାଳୟ ପରିସରରେ ପରିସ୍ରାଗାର ଓ ଶୌଚ ପାଇଁ ଲୁ ନିର୍ମାଣ କରାଗଲା। ଲକ୍ଷାଧିକ ଟଙ୍କା ପୌରସଂସ୍ଥା ପକ୍ଷରୁ ଖର୍ଚ୍ଚ ହେଲା। ଏସବୁ ନିର୍ମାଣ ପରେ ତାଲା ପକାଇ ଦିଆଯାଇଛି। ଏସ୍‌ଏଚ୍‌ଜି ଗ୍ରୁପ୍‌ଗୁଡ଼ିକ ନାଁରେ ଠିକାଦାରମାନେ କାମ କରି ଭରପୂର ଫାଇଦା ଉଠାଇଲେ। ଏହାଦ୍ୱାର ବୈଷୟିକ କର୍ମଚାରୀ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଲା। ପରିମଳ ବ୍ୟବସ୍ଥା ସୁଧାର ଆଣିବା ଓ ମୌଳିକ ସୁବିଧା ଯୋଗାଇବା ମୁଖ୍ୟ କର୍ତ୍ତବ୍ୟ ରହୁଥିବା ପୌରସଂସ୍ଥା କାର୍ଯ୍ୟାଳୟ ପରିସରରେ ମଧ୍ୟ ଗୋଟିଏ ଲୁ ନିର୍ମାଣ କରାଯାଇଛି। ତାହାକୁ ମଧ୍ୟ ତାଲା ପକାଇ ରଖାଯାଇଛି। କାର୍ଯ୍ୟାଳୟକୁ ଜନସାଧାରଣ ଆସିଲେ ପରିସ୍ରା କରିବା ପାଇଁ କଣ ବାଡ଼ ଖୋଜୁଛନ୍ତି। ଉକ୍ତ ଲୁ କବାଟ ସମ୍ମୁଖରେ ଆବର୍ଜନା ଗଦା କରି ରଖାଯାଇଛି। ଆଲୋକ ସଂଯୋଗୀକାରଣ କରାଯାଇନାହିଁ। ପାଇପ ସଂଯୋଗ ହୋଇଛି, କିନ୍ତୁ ପାଣି ଆସୁନାହିଁ। ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗକୁ ଟଙ୍କା ମଧ୍ୟ ପୈଠ କରାଯାଇଛି। ଏନେଇ ପୌରାଧ୍ୟକ୍ଷ କୁନୁ ନାୟକଙ୍କୁ ପଚାରିବାରୁ ଲୁ ପରିଚାଳନା ଦାୟିତ୍ୱ ଏସ୍‌ଏଚ୍‌ଜିମାନଙ୍କୁ ଦିଆଯାଇଛି। ସେମାନେ ଖୋଲିବେ। ବିଦ୍ୟୁତ୍ ସଂଯୋଗ ପାଇଁ ଟଙ୍କା ପୈଠ କରାଯାଇଛି। ତୁରନ୍ତ ଲୁ ଖୋଲାଯିବ ବୋଲି ସେ କହିଛନ୍ତି।

# ରାଜବାବା ରାଜମାତା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ମାଲକାନଗିରି, ୨୧।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବ୍ଲକ ଅନ୍ତର୍ଗତ ତଣ୍ଡାପାଲ୍ଲୀ ସଦର ପଞ୍ଚାୟତରେ ଶନିବାର ରାଜବାବା ରାଜମାତା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ପରିଷଦ ସଭ୍ୟ ମୁକା ମାଡକାମି ଉଦ୍‌ଘାଟନ କରିଥିଲେ। ୭ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲରେ କେ.ଗୁମ୍ମା ସହ ଏମ୍‌ବିକେ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ ୬-୦ ଗୋଲରେ କେ.ଗୁମ୍ମା ବିଜୟ ହୋଇଥିଲା। ରେଫରି ଭାବେ ଶଙ୍କର ଖିତି ଥିବା ବେଳେ କମେଣ୍ଟେଟର ଭାବେ ସୁଜିତ ସୁନା ରହିଥିଲେ।



ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳି ।

# ତୋରଣ, ଆଲୋକମାଳାରେ ସଜେଇହୋଇଛି ସହର

## ସରିଲା ମା’ ଦୁର୍ଗାଙ୍କ ମହାସପ୍ତମୀ ପୂଜା



**ଡାବୁଗାଁ, ୨୧।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଦୁର୍ଗାପୂଜା ପାଇଁ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି ସହର। ପୂଜା ଦେଖିବା ପାଇଁ ଅପରାହ୍ନରୁ ଭକ୍ତଙ୍କ ଗହଳି ଜମୁଛି। ଦଶହରା ପାଇଁ ନବରଙ୍ଗପୁର ଓ ରାୟଗଡ଼ା ଜିଲାର ବିଭିନ୍ନ ସହର ଏବେ ଚଳଚଞ୍ଚଳ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଦୁର୍ଗାମଣ୍ଡପରେ ମା ଦୁର୍ଗାଙ୍କ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଶନିବାର ଚକ୍ଷୁଦାନ ସହ ମାଁଙ୍କୁ ଆବାହନ କରାଯାଇ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ପୂଜକ ଶିବକୁମାର ପଣ୍ଡାଙ୍କ ସହ ସହଯୋଗୀ ସୁନୀଲ ରଥ, ଶାନ୍ତନୁ ପାତ୍ର ଓ ସୁଶାନ୍ତ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନା କରୁଥିବାବେଳେ ଅନ୍ୟ ପୂଜକ ପୂଜାରେ ସହାୟତା କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଡାବୁଗାଁ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଛି।

## ବିଧିରେ ଚାଲିଛି ପୂଜାର୍ଚ୍ଚନା

**ରାୟଗଡ଼ା, ୨୧।୧୦ (ଭାଗ୍ୟଶ୍ରୀ ମିଶ୍ର)**

ଧରାପୃଷ୍ଠରେ ଅବତରଣ କରିଛନ୍ତି ମା ଦୁର୍ଗା। ସେଥିପାଇଁ ରାୟଗଡ଼ା ସହର ଉତ୍ସବମୁଖର ଏବଂ ଚଳଚଞ୍ଚଳ। ଶୁକ୍ରବାରରୁ ଆରମ୍ଭ ହୋଇଯାଇଛି ଷଷ୍ଠୀପୂଜା। ଏବେ ବିଧିବଦ୍ଧଭାବେ ପୂଜା କାର୍ଯ୍ୟ କରାଯାଉଥିବା ବିଭିନ୍ନ କମିଟି ପକ୍ଷରୁ କୁହାଯାଇଛି। ଶନିବାର ସପ୍ତମୀ ପୂଜା ଏବଂ ରବିବାର ଅଷ୍ଟମୀ ପୂଜା ହେବ। ରାୟଗଡ଼ା ସହରର ବ୍ରାହ୍ମଣସାହି, ପୋଲିସ କଲୋନି, ବାଳିକା ବିଦ୍ୟାଳୟ ନିକଟ, ଇଲେକ୍ଟ୍ରି ବିଭାଗ, କସ୍ତୁରୀନଗର, ଷ୍ଟେଟ ବ୍ୟାଙ୍କ ଛକରେ ବ୍ୟବସାୟିକ ସଙ୍ଗଠନ ପକ୍ଷରୁ ପୂଜା କରାଯାଉଛି। ମଙ୍ଗଳା ଅର୍ପଣ, ଅଙ୍କୁରା ରୋପଣ, ଗଙ୍ଗାଧିବାସ କାର୍ଯ୍ୟ ହୋଇଯାଇଛି। ଶନିବାର ଗ୍ରାମଦେବୀଙ୍କ ଆଜ୍ଞାମାଳ ଆଣି ମହାସ୍ନାନ, ମା’ଙ୍କର ନେତ୍ର ତଥା ବିଗ୍ରହ ପ୍ରତିଷ୍ଠା ହୋଇଛି। ରବିବାର ମହାଷ୍ଟମୀ ଓ ସନ୍ଧିପୂଜା। ସୁନ୍ଦର ଆଲୋକମାଳା, ସୁସଜ୍ଜିତ ତୋରଣ ଏବଂ ଆକର୍ଷଣୀୟ ମୂର୍ତ୍ତି ଦେଖିବାକୁ ଲୋକଙ୍କ ଭିଡ଼ । ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇ ଥିବା ଜଣାପଡ଼ିଛି।



## ଜେକେପୁରରେ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା



ଜେକେପୁରରେ ମା’ଙ୍କ ପୂଜାର୍ଚ୍ଚନା ଚାଲିଛି।

**ରାୟଗଡ଼ା, ୨୧।୧୦ (ଭାଗ୍ୟଶ୍ରୀ ମିଶ୍ର)**

ରାୟଗଡା ସହର ନିକଟସ୍ଥ ଜେକେପୁର କାଗଜ କଳ ପକ୍ଷରୁ ଦୁର୍ଗା ପୂଜା କରାଯାଉଛି। ଏଠାରେ ୭୦ ଫୁଟର ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ। ମଙ୍ଗଳବାର ଏହି ରାବଣ ପୋଡି କରାଯିବା ଯୋଜନା ରହିଛି। ରାୟଗଡ଼ାର ଆଖପାଖ ଅଞ୍ଚଳରେ ଏ ବର୍ଷ ରାବଣ ପୋଡ଼ି ହେଉ ନ ଥିବାରୁ ଜେକେପୁର ରାବଣ ପୋଡ଼ି ଦେଖିବାକୁ ଲକ୍ଷ ଲକ୍ଷ ଲୋକଙ୍କ ଆଗମନ ହେବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ବ୍ୟବସ୍ଥା କରାଯାଉଛି। ଭିଡ଼ ନିୟନ୍ତ୍ରଣ କରିବାକୁ ପ୍ରାୟ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ୨ ଚକିଆ ଚାରି ଚକିଆ ଯାନ ରଖିବାକୁ ବ୍ୟବସ୍ଥା କରାଯାଇଛି। ଅମ୍ଳାଭଟା ପଟୁ ଆସୁଥିବା ଲୋକେ ବିଶିରୋଡ଼ ଦୁର୍ଗା ମନ୍ଦିର ପଛରେ ପାର୍କିଙ୍ଗ କରିବେ। ରାୟଗଡା ପଟୁ ଆସୁଥିବା ଲୋକେ କେଉଟଗୁଡ଼ା ଆଗକୁ ଥିବା ହାଇସ୍କୁଲରେ, ବଡ଼ ଚାନ୍ଦିଲି ପଟୁ ଆସୁଥିବା ଲୋକେ ଜେକେର ସିଂଘାଣିଆ ସ୍କୁଲରେ ଓ କେସିଂପୁରରୁ ଆସିବା ଲୋକେ ସିକ୍ୟୁରିଟୀ କୋଲନୀରେ ପାର୍କିଂ କରିବା ବ୍ୟବସ୍ଥା ହୋଇଛି। ରାୟଗଡ଼ାରୁ ଆସୁଥିବା ଭାରିଯାନ ଯଦି ବିଦ୍ୟାଳୟରେ ରହିବ ନାହିଁ ତା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଥିବା ଚାନ୍ଦିଲି ଥାନା ଆଇଆଇସି ପ୍ରସନ କୁମାର ବେହେରା କହିଛନ୍ତି। ସହରର ୬ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

# ସୁନା ବେଶରେ ଦର୍ଶନ ଦେଲେ ମା’ ମଝିଘରିଆଣୀ

**ରାୟଗଡ଼ା,୨୧।୧୦(ଆଶିଷ ରଞ୍ଜନ ପଣ୍ଡା)**

ଦଶହରା ପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଜିଲାର ବିଭିନ୍ନ ଶକ୍ତି ପୀଠ। ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣି, ପାଇକପଡ଼ାର ଦକ୍ଷିଣକାଳୀ ଓ ଭଗବତୀ, କାଶୀପୁରର ମାଣିକେଶ୍ୱରୀ, ବିଷମକଟକର ମାର୍କମା, ହାତିଖମ୍ଭାର କୁଳବନ୍ଧ ମନ୍ଦିରରେ ୪ଦିନ ବ୍ୟାପୀ ପୂଜା, ହୋମ, ଯଜ୍ଞ ଓ ଦୈବୀ ସାଧନା ଜାରି ରହିଛି। ସପ୍ତମୀରେ ମଝିଘରିଆଣି ମା ସୁନା, ଫୁଲ ଓ ଫଳରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।

ଶନିବାର ଭୋରରୁ ମଙ୍ଗଳ ଆରତି ପରେ ସ୍ୱତନ୍ତ୍ର ଭାବେ ପୂଜକମାନେ ମା’ଙ୍କ ସୁନା ଓ ଫଳ ବେଶ କରିଥିଲେ। ସୁନା ମୁକୁଟ, କିରିଟ ଓ ରୂପା ଜିହ୍ୱରେ ମା’ ଝଲସୁଥିଲେ। ମା’ଙ୍କ ଏହି ଅପୂର୍ବ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରମ୍ପରା ଅନୁଯାୟୀ ତହସିଲ କାର୍ଯ୍ୟାଳୟ ପଛପଟେ ଥିବା ଖଣ୍ଡା ଘରେ ମା’ଙ୍କ ମନ୍ଦିରରୁ ଏକ ଖଣ୍ଡା ପ୍ରତିପଦା ଦିନ ଅଣାଯାଇ ଗୁପ୍ତ ପୂଜା କରାଯାଉଛି। ଦଶଦିନର ଗୁପ୍ତ ପୂଜା ପରେ ଦଶହରା ରାତିରେ ଖଣ୍ଡାକୁ ପୁଣି ମନ୍ଦିରକୁ ନିଆଯିବ। ଶନିବାର ରାତିରେ ସନ୍ଧିପୂଜା କରାଯାଇଥିଲା।

ସେହିଭଳି ପାଇକପଡ଼ା ଦକ୍ଷିଣକାଳୀ ପୀଠରେ ମଧ୍ୟ ଗୁପ୍ତ ପୂଜାର ବେଶ ମହତ୍ୱ ରହିଛି। ଅଷ୍ଟମୀ ତିଥି ରାତିରେ ମାଙ୍କ ନିକଟରେ ବୋଦା ବଳି ପଡ଼ିବ। ବଳି ପରେ ମନ୍ଦିରକୁ ବନ୍ଦ କରାଯାଇ ଦଶମୀରେ ଦୁଆର ଖୋଲାଯିବ। କାଶୀପୁର ପ୍ରସିଦ୍ଧ ଶକ୍ତିପୀଠ ମା ମାଣିକେଶ୍ୱରୀ ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ଛିନ୍ନମସ୍ତା ରୂପରେ ପୂଜା ପାଇବେ।



ମା’ ମଝିଘରିଆଣୀଙ୍କ ସୁନା ବେଶ ।

### ଶକ୍ତିପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ମହାଷ୍ଟମୀରେ କାଶୀପୁର ରାଜ ପରିବାର ପକ୍ଷରୁ ବଳି ଚଢ଼ାଯିବା ପରେ ମଧ୍ୟ ରାତ୍ରରେ ଗୁପ୍ତ ପୂଜା ହେବ।

ମାଙ୍କ ମୃଣ୍ମୟୀ ପ୍ରତିମାଙ୍କ ସପ୍ତମୀ ପୂଜା କରାଯାଇଛି। ସହରର ରାଣିଗୁଡ଼ା, ମେନ୍‌ରୋଡ଼, ବସଷ୍ଟାଣ୍ଡ, ବ୍ରାହ୍ମଣ ସାହି, ଇନ୍ଦିରା ନଗର ଆଦି ସ୍ଥାନରେ ମା’ଙ୍କର ପୂଜା ହେଉଛି। ଦୋରାଗୁଡ଼ାରେ ଉତ୍କଳ ଆଲୁମିନା, ଜେକେପୁରରେ ଜେକେ କାଗଜକଳ ପକ୍ଷରୁ ଦୂର୍ଗା ପୂଜା ଧୁମ୍‌ଧାମ୍‌ରେ ଚାଲିଛି। ଏସବୁ ସ୍ଥାନରେ ମହାଷ୍ଟମୀ ଦିନ ମା’ଙ୍କ ନିକଟରେ ମାଛ ଭୋଗ ଲାଗି ହେବା ପରମ୍ପରା ରହିଛି। ଦୋରାଗୁଡ଼ା, ବିଷମକଟକ, ଅମ୍ବାଦଳା ଓ ଜେକେପୁରରେ ଦଶହରା ଦିନ ରାବଣ ପୋଡ଼ି କରାଯିବ।

# ବନଦୁର୍ଗାଙ୍କ ମନ୍ଦିରରେ ନବରାତ୍ରି ପୂଜା



ନବରାତ୍ରି ବ୍ରତଧାରୀଙ୍କ ସହ ଅନ୍ୟମାନେ।

**ଉମରକୋଟ, ୨୧।୧୦(ସନ୍ତୋଷ ଶତପଥୀ)**

ଉମରକୋଟ ଗାନ୍ଧି ଛକ ନିକଟସ୍ଥ ଫରେଷ୍ଟ ଅଫିସସ୍ଥିତ ମା ବନ ଦୁର୍ଗା ମନ୍ଦିରରେ ନବରାତ୍ର ପାଳିତ ହେଉଛି। ନବ ରାତ୍ର ସମୟ ରେ ମନ୍ଦୀରରେ ନିଷ୍ଠାର ସହ ପୁଜା କଲେ ମା ଭକ୍ତଙ୍କ ମନ ସ୍କାମନା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଚଳିତ ବର୍ଷ ୧୦୦ରୁ ଉର୍ଦ୍ଧ୍ୱ ଭକ୍ତ ମନ୍ଦିରରେ ନବରାତ୍ର ପୂଜା କରୁଛନ୍ତି। ସେମାନେ ୯ ଦିନ ଅନ୍ନ ତ୍ୟାଗ କରି କେବଳ ଫଳାହାର କରୁଛନ୍ତି। ପୂଜକ ଗୌର ହରି ମିଶ୍ର ରହି ପୂଜା କାର୍ଯ୍ୟ କରୁଛନ୍ତି।



ନବରଙ୍ଗପୁର ଘରୋଇ ବସ୍‌ଷ୍ଟାଣ୍ଡ ।



ପାପଡାହାଣ୍ଡି ସାର୍ବଜନିନ ପୂଜା କମିଟି ।



ରାୟଗଡ଼ା ପୋଲିସ କଲୋନୀ ।



ଆମ୍ବାଦୋଳାରେ ପୂଜା ପାଉଥିବା ମା’ଙ୍କ ମୂର୍ତ୍ତି ।



ମାଲକାନଗିରି ରିଜର୍ଭ ପୋଲିସ ଲାଇନରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତୀ ।



ମାଲକାନଗିରି ସାର୍ବଜନୀନ ଦୁର୍ଗାପୂଜା କମିଟି ।



ମାଲକାନଗିରି ଟାଉନ କ୍ଲବରେ ପୂଜା ପାଉଥିବା ମୂର୍ତ୍ତି ।







କୋରାପୁଟ ଜିଲା ଜୟପୁର ସହରର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ।


କୋରାପୁଟ ଓଏସ୍‌ଏପି ବାଟାଲିୟନ ପକ୍ଷରୁ କରାଯାଇଥିବା ପୂଜାମଣ୍ଡପ।


ବୈପାରିଗୁଡ଼ା ଗଉଡସାହି ପୂଜା ମଣ୍ଡପରେ ବିରାଜିତା ମା'।


କୋଟପାଡରେ ହୋଇଥିବା ଏକ ପୂଜା ମଣ୍ଡପ।

# କୋଲାବ ଜଳଭଣ୍ଡାର ଏବେ ଦଳଭଣ୍ଡାର

କୋରାପୁଟ,୨୧।୧୦(ଅମିତାଭ ବେହେରା)

କୋରାପୁଟ କୋଲାବ ଜଳଭଣ୍ଡାର ଏବେ ଦଳ ଭଣ୍ଡାରରେ ପରିଣିତ ହୋଇଛି। କୋରାପୁଟ ଜିଲାର ଜୟପୁର, ଲମତାପୁଟ, ବୈପାରିଗୁଡା, ନନ୍ଦପୁର, ସେମିଳିଗୁଡା ଓ କୋରାପୁଟ ବ୍ଲକର ବିଭିନ୍ନ ଅଞ୍ଚଳକୁ ସ୍ୱର୍ଶ କରି ୧୬୩୦ ବର୍ଗ କିଲୋମିଟର ଜାଗାରେ ବିସ୍ତିର୍ଣ୍ଣ ଏହି ଜଳଭଣ୍ଡାରରେ ଏବେ ଦଳ ମାଡିବା ଆରମ୍ଭ କରି ସମସ୍ୟା ସୃଷ୍ଟି କରିଛି। ଜଳଭଣ୍ଡାରର ଉପର ମୁଣ୍ଡରେ ଥିବା ଅଞ୍ଚଳରେ ବୃକ୍ଷରୋପଣ ତଥା ଅନ୍ୟାନ୍ୟ ମୃତ୍ତିକା ସଂରକ୍ଷଣ ପଦକ୍ଷେପ ନିଆ ଯାଇ ନ ଥିବାରୁ ଜଳଭଣ୍ଡାର ମଧ୍ୟକୁ ବର୍ଷା ଜଳ ସାଙ୍ଗକୁ ମାଟି ପଶି ଆସି ଜଳଭଣ୍ଡାରର ଭୂତଳର ଉଚ୍ଚତା ଧୀରେ ଧୀରେ ବୃଦ୍ଧି କରୁଛି। ତେବେ ଜଳ ସମ୍ପଦ ବିଭାଗ ଏହାକୁ ଏକ ସାମାନ୍ୟ ସମସ୍ୟା ଭାବେ ଭାବିନେଇ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଗତ କିଛିଦିନ ଧରି ସୁନାବେଡା ନିକଟସ୍ଥ କୋଲାବ ଜଳଭଣ୍ଡାରର ଅଂଶରେ ଦଳ ଯେପରି ଭାବେ ବ୍ୟାପିବାରେ ଲାଗିଛି ସେଥିପ୍ରତି ସରକାର ଦୃଷ୍ଟି ନ ଦେଲେ ସମଗ୍ର ଜଳଭଣ୍ଡାର ଦଳମୟ ହୋଇଯିବା ପାଇଁ ଅଧିକ ଦିନ ଲାଗିବ ନାହିଁ ବୋଲି ସୁନାବେଡାର ପରିବେଶବିତ ସୁନିଲ ବିଶ୍ୱାଳ କହିଛନ୍ତି। ଜୟପୁରସ୍ଥିତ ଜଗନ୍ନାଥ ସାଗର ଭଳିଜଳାଶୟରେ ଦଳ ବାହାର କରିବା ପାଇଁ ପ୍ରଶାସନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ୧୬୩୦ ବର୍ଗ କିଲୋମିଟର ବ୍ୟାପ୍ତ କୋଲାବ ଜଳଭଣ୍ଡାରରେ ଦଳ ମାଡିଗଲେ ଏହାକୁ ସଫା କରିବା ଏକ ପ୍ରକାର ଅସମ୍ଭବ ହୋଇପଡିବ ବୋଲି ବିଶ୍ୱାଳ ମତ ରଖିଛନ୍ତି। କୋଲାବ ଜଳଭଣ୍ଡାର ଉପରେ ଏହାକୁ ସଂଲଗ୍ନ କରୁଥିବା ସମସ୍ତ ସହର ପାନୀୟ ଜଳ ପାଇଁ ନିର୍ଭର କରୁଥିବା ବେଳେ ଏଚଏଏଲ(ହାଲ୍) ଏବଂ ନାଲ୍‌କୋ ଭଳି ଶିଳ୍ପ ସଂସ୍ଥା ଏହି ଜଳଭଣ୍ଡାରରୁ ଜଳ ନେଇ ସେମାନଙ୍କ କାରଖାନାର ଆବଶ୍ୟକତା ମଧ୍ୟ ପୂରଣ କରିଥାନ୍ତି। ଏହି ଜଳଭଣ୍ଡାରରୁ ମାଛ ଧରି ଅନେକ ଆଦିବାସୀ ଧୀବର ଗୁଜୁରାଣ ମେଣ୍ଟାଇଥାନ୍ତି। ଜଳଭଣ୍ଡାରରେ ଦଳ ଭର୍ତ୍ତି ହୋଇଗଲେ ଏହାର ଜଳ ପାନୀୟ ଉପଯୋଗୀ ହେବନାହିଁ। ମାଛ ଭଳି ଜଳଜୀବଙ୍କ ଜୀବନ ଧାରଣରେ ସମସ୍ୟା ଉପୁଜିବ ବୋଲି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଦେବବ୍ରତ ପଣ୍ଡା ପ୍ରକାଶ କରିଛନ୍ତି। ଦଳ ମାଡିଗଲେ ଜଳଭଣ୍ଡାରର ଜଳରୁ ଅମ୍ଳଜାନ ପରିମାଣ କମିଜିବ ଏବଂ ଜଳର ଶୁଦ୍ଧତା ପ୍ରଭାବିତ ହେବ ବୋଲି ପଣ୍ଡା ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ସାଧାରଣରେ ଦାବି ହେଉଛି।


କୋଲାବ ଜଳଭଣ୍ଡାରେ ମାଡି ଯାଇଥିବା ଦଳ।

# ଲୋକଙ୍କ ନିକଟତର ହେବାକୁ ପୋଲିସର ପ୍ରୟାସ

ନନ୍ଦପୁର, ୨୧।୧୦ (ଶଙ୍କର ପୂଜାରୀ)

ନନ୍ଦପୁର ପୋଲିସ ଏଠାରେ ହେଉଥିବା ଦୁଇଟି ପୂଜା ମଣ୍ଡପକୁ ଶନିବାର ପରିଦର୍ଶନ କରିବା ସହ ସାନ୍ଧ୍ୟା ପାଟ୍ରୋଲିଂ ସହ ବ୍ୟବସ୍ଥାକୁ କଡାକଡି କରିଛି। ଶାନ୍ତି ଶୃଙ୍ଖଳାର ସହ ଦଶହରା ପର୍ବ ପାଳନ ପାଇଁ ବତ୍ରିସ ସିଂହାସନ ଓ ଜଗତଜନନୀ ପୂଜା କମିଟି ସଦସ୍ୟଙ୍କୁ ପରାମର୍ଶ ଦେଇଛି। ନନ୍ଦପୁରବାସୀଙ୍କ ସହ ଆଲୋଚନା କରି ପୋଲିସ ଲୋକଙ୍କ ନିକଟତର ହେବାକୁ ପ୍ରତି ଶନିବାର ଏଭଳି ପ୍ରୟାସ କରାଯାଉଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ଓ ଥାନାଧିକାରୀ ଆଶ୍ରିତା ଖାଲକୋ କହିଛନ୍ତି। ପାଟ୍ରୋଲିଂ ଟିମ୍‌ରେ ଏସଆଇ ବେଦୋବର ସାହୁ, ଏସ୍‌ଆଇ ଦିପ୍ତିମୟୀ ଧାରୁଆ, ଏଏସ୍‌ଆଇ ଆରଏନ ଭୋକ୍ତା, ଗଉଡ ବାବୁଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

# ଗାଡ଼ିରେ ସରକାରୀ ଫଳକ ଲଗାଇ ଗଞ୍ଜେଇ ଚାଲାଣ


ଜବତ ଗଞ୍ଜେଇ ଓ କାର।

ନନ୍ଦପୁର, ୨୧।୧୦(ଶଙ୍କର ପୂଜାରୀ)

**୫୧କିଲୋ ଗଞ୍ଜେଇ, କାର ଜବତ**

କେନ୍ଦ୍ର ସରକାରଙ୍କ ପିଡବ୍ଲ୍ୟୁଡି ବିଭାଗର ସୂଚନା ଫଳକ ଲଗାଇ ଗାଡ଼ିରେ ସିକ୍ରେଟ ଚାମ୍ବର କରି ଗଞ୍ଜେଇ ଚାଲାଣ କରାଯାଉଥିବା ବେଳେ ପାଡୁଆ ପୋଲିସ ଏହାକୁ ଜବତ କରିଛି। କାର୍‌ରୁ ୫୧ କେଜି ଗଞ୍ଜେଇ ମିଳିଛି। ଅନ୍ଧାରର ସୁଯୋଗ ନେଇ ଗାଡ଼ିରେ ଥିବା ଚାଲାଣକାରୀମାନେ ଖସି ପଳାଇଥିବା ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

ଏକ ସଫାରି କାର (ଓଡି ୨୪ଏ ୪୨୮୬) ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଗୋଇନ୍ଦା ସୂଚନାକୁ ଆଧାରକରି ଶୁକ୍ରବାର ରାତିରେ ବିଶାଖାପାଟଣା-ଜୟପୁର ରାଜ୍ୟ ରାଜପଥର ଦାର୍ଲିପୁଟ ଛକରେ ପାଡୁଆ ପୋଲିସ ଜଗି ରହିଥିଲା। ଚାଟୁଆ ପଟୁ ଦ୍ରୁତଗତିରେ ଆସୁଥିବା କେନ୍ଦ୍ର ସରକାରଙ୍କ ପିଡବ୍ଲ୍ୟୁଡି ବିଭାଗର ସୂଚନା ଫଳକ ଲାଗିଥିବା ଏକ ସଫାରି କାରକୁ ପୋଲିସ ଅଟକାଇବାକୁ ରାସ୍ତା ଉପରକୁ ଆସିବା ମାତ୍ରେ ଚାଲାଣକାରୀମାନେ ସେମାନଙ୍କୁ ଦେଖି ଗାଡ଼ି ରଖି ଅନ୍ଧାରରେ ରାସ୍ତା ପାର୍ଶ୍ୱ ଜଙ୍ଗଲ ଭିତରକୁ ଖସି ପଳାଇଥିଲେ। ପରେ ପୋଲିସ ଗାଡ଼ି ନିକଟରେ ପହଞ୍ଚି ଏହାକୁ ଯାଞ୍ଚ କରିବାରୁ ଗାଡ଼ିର ପଛ ଭାଗରେ ଏକ ସିକ୍ରେଟ ଚ୍ୟାମ୍ବର ଥିବା ଓ ସେଥିରେ ଗଞ୍ଜେଇ ପ୍ୟାକେଟ ଥିବା ଜଣାପଡିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶନିବାର ଜବତ ଗଞ୍ଜେଇ ଓଜନ କରିବାରୁ ଏହା ୫୧ କିଲୋ ହୋଇଥିଲା। ୧୩୩/୨୩ରେ ମାମଲା ରୁଜୁକରି ଏସ୍‌ଆଇ ବେନିଆ ଏହାର ତଦନ୍ତ କରୁଥିବା ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

# ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ


ଏକ ପଞ୍ଚାୟତରୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମାଟି ସଂଗ୍ରହ କରୁଛନ୍ତି।

ଦଶମନ୍ତପୁର,୨୧।୧୦(ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ ଅଧୀନରେ ଥିବା ୩ଟି ପଞ୍ଚାୟତ ଲୁଲ୍ଲା ଓ ଦଶମନ୍ତପୁର ପଞ୍ଚାୟତରେ ଶନିବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ବ୍ଲକ ସମ୍ପାଦକ କୃପା ରାଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସମ୍ମାନିତ ଅତିଥି ରୂପେ ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାଏକ, ରାଜ୍ୟ ସମ୍ପାଦକ ଶିବ ମୁଦୁଲି, ରାଜ୍ୟ କାର୍ଯ୍ୟକର୍ତ୍ତା ସମ୍ପାଦକ ପ୍ରଦୀପ ମହନ୍ତ, ଜିଲା ସଭାପତି ସୁମନ୍ତ ପ୍ରଧାନ, ସ୍ଥାନୀୟ ପ୍ରଭାରୀ ରବିଚନ୍ଦ୍ର ପାଢ଼ୀ, ଓବିସି ରାଜ୍ୟ ସଭାପତି ବଳରାମ ସୁବୁଦ୍ଧି, ଏସ୍‌ସି ମୋର୍ଚ୍ଚା ସଭାପତି ଦିଲୀପ ବାଘ, ଯୁବ ସଭାପତି ବାବୁଲି ନାୟକ, ଜିଲା ଏସ୍‌ଟି ସଭାପତି ଭୁବନ ଜାନୀ, ଅକ୍ଷୟ ସେମର୍ଲିଆ, ପୋଡ଼ାଗଡ଼ ମଣ୍ଡଳ ସଭାପତି ସୀତାରାମ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଶହୀଦ ସ୍ମୃତି ବାଟିକା ୩ ପଞ୍ଚାୟତରୁ ପ୍ରତ୍ୟେକଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା।

# କୋରାପୁଟରେ ପ୍ରବଳ ଶୀତ: ୧୫ ଡିଗ୍ରୀକୁ ଖସିଲା ପାରଦ

କୋରାପୁଟ,୨୧।୧୦(ସ୍ୱ.ପ୍ର.)

କୋରାପୁଟ ଗତ ଦୁଇଦିନ ଧରି ପ୍ରବଳ ଶୀତ ଯୋଗୁ କୋରାପୁଟ ଜିଲାରେ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡିଛି। ଶନିବାର ଜିଲାରେ ସର୍ବନିମ୍ନ ୧୫.୬ ଓ ସର୍ବାଧିକ ୩୧.୫ ଡିଗ୍ରୀ ସେଲସିୟସ ତାପମାତ୍ରା ରହିଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଅକ୍ଟୋବରରେ କୋରାପୁଟରେ ଶୀତର ପ୍ରଭାବ ଅଧିକ ଅନୁଭୂତ ହେଉଛି। ଜିଲାରେ ସାଧାରଣତଃ ତାପମାତ୍ରା ଦିନରେ ସବନିମ୍ନ ୨୧ ସର୍ବାଧିକ ୩୧ ଡିଗ୍ରୀ ରହୁଥିବାବେଳେ ରାତିରେ ପାରଦ ୧୩ରୁ ୧୪ ଡିଗ୍ରୀ ମଧ୍ୟରେ ରହୁଛି । ଗତ ଦୁଇ ଦିନ ହେବ ସହରରେ ସକାଳ ୯ଟା ଯାଏ କୁହୁଡି ସାଙ୍ଗକୁ କୋହଲା ପାଗ ଲାଗିରହି ଶୀତର ପ୍ରକୋପକୁ ଦ୍ୱିଗୁଣିତ କରିଛି । ଜିଲାର ପଟ୍ଟାଙ୍ଗି, ଲକ୍ଷ୍ମୀପୁର, ନନ୍ଦପୁର, ଲମତାପୁଟ, ବୈପାରିଗୁଡା, କୋରାପୁଟ, ଦଶମନ୍ତପୁର ସେମିଳିଗୁଡା ଅଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି। ଘନ କୁହୁଡିର ଆସ୍ତରଣ ଯୋଗୁ ରାସ୍ତାରେ ୨୦ ଫୁଟ ବ୍ୟବଧାନରେ ମଧ୍ୟ ଯାନବାହନ ଦୃଶ୍ୟ ହେଉନାହିଁ। ଜିଲାର ସୀମାନ୍ତ ସୁଙ୍କି ଓ ଜୟପୁରର ଅଣଓସାରିଆ ଘାଟି ରାସ୍ତାରେ ଗାଡି ଚାଳକମାନେ ବ୍ୟବଧାନ ରଖି ମନ୍ଥର ଗତିରେ ଗାଡି ଚଳାଉଥିବା ବେଳେ ସ୍ଥାନେ ସ୍ଥାନେ ଗାଡିଗୁଡିକ ଅଟକି ରହୁଥିବା ଦେଖିବାକୁ ମିଳୁଛି । ଶୀତରୁ ବର୍ତ୍ତିବା ପାଇଁ ଜିଲାର ବିଶେଷ କରି ଗ୍ରାମାଞ୍ଚଳ ଲୋକେ ନିଆଁ ଜାଳି ପାଖରେ ବସି ରହୁଛନ୍ତି। ଶୀତର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବା ଯୋଗୁ ଶୀତବସ୍ତ୍ର ବ୍ୟବସାୟ ମଧ୍ୟ ବୃଦ୍ଧିପାଇଛି । ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳକୁ ବାଦଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ନଭେମ୍ବର ତୃତୀୟ ସପ୍ତାହରୁ ପ୍ରବଳ ଥଣ୍ଡା ହେଉଥିବାବେଳେ ଚଳିତ ବର୍ଷ ଏକ ମାସ ଆଗୁଆ ଅକ୍ଟୋବର ୨୦ରୁ ଶୀତର ପ୍ରକୋପ ଦେଖାଦେଇଛି । ଶୀତ ଯୋଗୁ ସକାଳୁ ଦୋକାନବଜାର ବିଳମ୍ବରେ ଖୋଲୁଥିବାବେଳେ ରାତିରେ ଶୀଘ୍ର ବନ୍ଦ ହୋଇଯାଉଛି। ସହରରେ ସକାଳ ୯ଟା ପର୍ଯ୍ୟନ୍ତ ଦୋକାନବଜାର ଏବଂ ରାସ୍ତାଘାଟ ଶୁନଶାନ ରହୁଛି।

# ଖୁବ୍ ଶୀଘ୍ର ଜଗନ୍ନାଥ ସାଗରର ରୂପରେଖ ବଦଳିବ

ଜୟପୁର, ୨୧।୧୦ (ପବନ ପାଣିଗ୍ରାହୀ)

**ଜଗନ୍ନାଥସାଗର ଦଳ ଉଦ୍ଧାର କାର୍ଯ୍ୟ ସମୀକ୍ଷା କଲେ ବିଧାୟକ**

ଜୟପୁର ଜଗନ୍ନଥ ସାଗରର ଦଳ ଉଦ୍ଧାର କାର୍ଯ୍ୟର ସମୀକ୍ଷା ଶନିବାର ବିଧାୟକ ତାରାପ୍ରସାଦ ବାହିନୀପତି କରିଛନ୍ତି। ପ୍ରାୟ ଶହେ ପ୍ରତିଶତ ଦଳ ଉଦ୍ଧାର କାର୍ଯ୍ୟ ହୋଇଥିବା ବାହିନୀପତି ସୂଚନା ଦେଇଛନ୍ତି। ଖୁବ୍ ଶୀଘ୍ର ସାଗରର ପଙ୍କ ଉଦ୍ଧାର କରାଯିବ । ଜଗନ୍ନାଥ ସାଗର ବିକାଶ ପାଇଁ ବିଭିନ୍ନ ବିଭାଗରୁ ଟଙ୍କା ଅଣାଯାଇ ବିକାଶ କରାଯିବ । ସମ୍ପୂର୍ଣ୍ଣ ପଙ୍କ ଉଦ୍ଧାର ପାଇଁ ବେଙ୍ଗାଲୁରୁରୁ ଏକ ବୈଷୟିକ ଟିମ୍ ଦଶହରା ପରେ ଆସି ସମୀକ୍ଷା କରିବେ। ଆଗରୁ ଯେପରି ସାଗରରେ ସ୍ୱଚ୍ଛ ପାଣି ରହିଥିଲା ସେପରି ହେବ। ବାହିନୀପତିଙ୍କ ସମୀକ୍ଷା ସମୟରେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ , କନିଷ୍ଠ ଯନ୍ତ୍ରୀ ଅଜୟ ଜାନି, ପି.ଜଗଦିଶ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଲକ୍ଷ୍ମୀ ପଣ୍ଡା ଛକଠାରୁ ଗ୍ଲୋକାଲ ହସ୍ପିଟାଲ ଯାଏ ୪ ଲାଇନ ରାସ୍ତା ହେବ। ଜଗନ୍ନାଥ ସାଗରର ସୌନ୍ଦର୍ଯ୍ୟକରଣ ହେବ। ସାଗରର ବିକାଶ ନେଇ ଜୟପୁରବାସୀଙ୍କ ସହ ବହୁ ସଙ୍ଗଠନ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ। ବିଧାୟକ ବାହିନୀପତି ବିଧାନସଭାରେ ଏହି ପ୍ରସଙ୍ଗ ବାରମ୍ବାର ଉଠାଇଥିଲେ।

# ମଦ ଚୋରାଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୨୧।୧୦ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ଶନିବାର ଚଢ଼ାଉକରି ୨ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଘିଉରି ଗ୍ରାମର ମାଧବ ବିଷୋୟୀ ଓ କଲସାହାଣ୍ଡି ଗ୍ରାମର ନୀଳ ହରିଜନ। ସେମାନଙ୍କଠାରୁ ୧୨ ଲିଟର ମଦ ଜବତ ହୋଇଛି। ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଟିପିଏସ୍‌ଓଡିଏଲ୍ କର୍ମଚାରୀଙ୍କ ସାଇକେଲ ଯାତ୍ରା ଜୟପୁରରେ ପହଞ୍ଚିଲା

ଜୟପୁର,୨୧।୧୦ (ପବନ ପାଣିଗ୍ରାହୀ)

ବିଦ୍ୟୁତ୍ ଉପଭୋକ୍ତା ଓ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ନେଇ ଟିପିଏସ୍‌ଓଡିଏଲ୍‌ର କର୍ମଚାରୀ ଇଂ. ସୌମ୍ୟରଞ୍ଜନ ଲେଙ୍କା ସାଇକେଲରେ ମାଲକାନଗିରିରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଥିଲେ। ସେ ମାଲକାନଗିରିରୁ ତାଙ୍କ ଯାତ୍ରା ଆରମ୍ଭକରି ଜୟପୁରରେ ଶନିବାର ପହଞ୍ଚିଛନ୍ତି। ଜୟପୁରରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମୟରେ ଏମ୍‌ଆର୍‌ଟିର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମହାନ୍ତି, ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରା, କାଳିଚରଣ ବେହେରା, ପ୍ରିୟବ୍ରତ ସାହୁ, ରାକେଶ ତ୍ରିପାଠୀ, ବିଚିତ୍ର ବେହେରା, ରଶ୍ମିରଞ୍ଜନ ସାହୁ, ସୁଜିତ ସ୍ୱାଇଁ, ହିମାଂଶୁ ନାୟକ, ଜଗଦିଶ ବିଶୋୟୀ, ସୁଚନ୍ଦନ ନାୟକ, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଇଂ. ସୌମ୍ୟରଞ୍ଜନ ଲେଙ୍କାଙ୍କୁ ସ୍ୱାଗତ କରାଯାଉଛି।

# ସ୍ୱତନ୍ତ୍ର ବେଶରେ ଦର୍ଶନଦେଲେ ମା' ଭଗବତୀ

ଜୟପୁର,୨୧।୧୦(ପବନ ପାଣିଗ୍ରାହୀ)

ଜୟପୁର ଐତିହାସିକ ଦଶହରା ମହୋତ୍ସବ ପାଇଁ ସମଗ୍ର ସହର ଉତ୍ସବମୁଖର ହୋଇଉଠିଛି। ସହର ସାରା ରଙ୍ଗବେରଙ୍ଗର ଆଲୋକମାଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହର କମ୍ପୁଛି। ଜୟପୁର ରଜାନହରସ୍ଥିତ ଦୁର୍ଗାପୂଜା ମଣ୍ଡପ, ପାୱାର ହାଉସସ୍ଥିତ ପୂଜା ମଣ୍ଡପ, ଗାନ୍ଧିଛକ ପୂଜା ମଣ୍ଡପ, ମାଦଳାସାହି ପୂଜା ମଣ୍ଡପ, ରିକ୍ସା ଷ୍ଟାଣ୍ଡ ଦୁର୍ଗାପୂଜା ମଣ୍ଡପ, ସରକାରୀ ବସ୍‌ଷ୍ଟାଣ୍ଡ, ଘରୋଇ ବସ୍‌ଷ୍ଟାଣ୍ଡରେ ଦଶହରା ପୂଜା ଚାଲିଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ବିଜୟ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଶନିବାର ସ୍ୱତନ୍ତ୍ର ବେଶରେ ଶ୍ରଦ୍ଧାଳୁଙ୍କୁ ମା' ଦର୍ଶନ ଦେଇଛନ୍ତି। ପୀଠରେ ଅଷ୍ଟମୀ ପୂଜା ଜାରି ରହିଥିବା ବେଳେ ଦୁର୍ଗା ମେଢରେ ସପ୍ତମୀ ପୂଜା ଜାରି ରହିଛି । ସହରରେ ଥିବା ଅଧିଷ୍ଠାତ୍ରୀ ମା' ଦକ୍ଷିଣକାଳିକା, ମା'ବସନ୍ତାୟୀ, ଉଗ୍ରତାରା, ମା' ସର୍ବମଙ୍ଗଳା, ଜଗତ୍‌ଜନନୀ, ସାତଭଉଣୀ, ଝାଙ୍କଡଦେଈ, ଗଙ୍ଗାମା', ଭୁପତିସାହିର କନକଦୁର୍ଗା, କଣ୍ଡରାସାହିର ସର୍ବମଙ୍ଗଳା, ବଣ୍ଡା ବାଘ ଠାକୁରାଣୀ ମନ୍ଦିରରେ ମହାଷ୍ଟମୀ ପୂଜା ଚାଲିଛି। ଜୟପୁର ଦଶହରାରେ ସାମିଲହେବା ପାଇଁ ଅବିଭକ୍ତ କୋରାପୁଟ ଜିଲାର ଦେବୀଙ୍କ ପ୍ରତୀକ ଲାଠି ଜୟପୁରରେ ପହଞ୍ଚିବାରେ ଲାଗିଲାଣି। କେତେଜଣ ଲାଠିଧାରୀ ପହଞ୍ଚିଲେଣି। ପ୍ରତ୍ୟେକ ବର୍ଷ ଦଶହରା ଦିନ ଲାଠିଯାତ୍ରାରେ ଏହି ଲାଠିମାନେ ଭାଗ ନେଇ ଜୟପୁର ଦଶହରାର ପରମ୍ପରା ବଜାୟ ରଖି ଆସୁଛନ୍ତି । ପାରମ୍ପରିକ ନୀତି ଅନୁଯାୟୀ ୨୩ ତାରିଖ ସୋମବାର ନବମୀ ଭଗବତୀଙ୍କ ସୁନାବେଶ କରିବାକୁ ସ୍ଥିର ହୋଇଛି । ଶୁକ୍ରବାର ସୌରାସାହି ଛକରେ ଭଜନ ସମାରୋହ ହୋଇଥିବା ବେଳେ ଶନିବାର ମା' ଜଗତ୍‌ଜନନୀ ଛକରେ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ହୋଇଛି। ଏଠାରେ ଦଶହରା ମହୋତ୍ସବ ପାଳନ ସମିତିର ଅଧ୍ୟକ୍ଷ ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରିଛନ୍ତି।


ମା' ଭଗବତୀ।

**ଜୟପୁରରେ ଦଶହରା**

